# Akashvani, Sambalpur

## SAMBALPURI NEWS BULLETIN

### 5 February 2025- 6.47- 6.52 am.

***********************************************

ପ୍ରଧାନ୍‌ମନ୍ତ୍ରୀ-ଧନ୍ୟବାଦ୍ ପ୍ରସ୍ତାବ ଆଲୋଚନା ଏନ୍‌ଏସ୍‌ଡି

କେନ୍ଦ୍ର ସର୍‌କାର୍ ଗଲା ୧୦ ବଛର୍ ଭିତ୍‌ରେ ଦେଶର୍ ୨୫ କୋଟିନୁ ଅଏତ୍‌କା ଲୁକ୍‌କୁ ଦାରିଦ୍ର୍ୟ ଭିତ୍‌ରୁ ବାହାର୍ କରିଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକ୍‌ସଭା ନ କହିଛନ୍ । ସଂସଦ୍ ନ ରାଷ୍ଟ୍ରପତିଙ୍କର୍ ଅଭିଭାଷଣ୍ ଉପ୍‌ରେ ଆଗତ୍ ହେଇଥିବା ଧନ୍ୟବାଦ୍ ପ୍ରସ୍ତାବ୍ ଆଲୋଚନାର୍ ଉତର୍ ରଖିକରି ଆଏଜ୍ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍, ଦେଶର୍ ଗରିବ୍ ଲୁକ୍‌କୁ ୪ କୋଟି ପକ୍କା ଘର୍ ଦିଆଯାଇଛେ, ୧୨ କୋଟି ଶୌଚାଳୟ ତିଆର୍ କରାଯାଇଛେ । ଗଲା ୫ ବଛ୍‌ରେ ୧୨ କୋଟି ପରିବାର୍‌କେ ପାଇପ୍‌ଥି ପାଏନ୍ ଯୁଗେଇ ଦିଆଯାଇଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ସେ ଆହୁରି କହିଛନ୍ ଦେଶ୍‌ବାସୀଙ୍କର୍ ଟଙ୍କା ସିଧା ତାଙ୍କର୍ ଲାଗି ହିଁ ଖର୍ଚ୍ଚା ହେଉଛେ । ସର୍‌କାର୍ ଶାସନ୍ ଆର୍ ଭିନ୍ ଭିନ୍ ଯୋଜ୍‌ନାଥି ସ୍ୱଚ୍ଛତା ଆନିକରି ଦେଶର୍ କୋଟି

କୋଟି ଟଙ୍କା ରାଜସ୍ୱ ସଂଚୟ କରିପାରିଛନ୍ । ସେନ୍ତା ୧୨ ଲାଖ୍ ଟଙ୍କାତକ୍ କମାନି ଉପ୍‌ରେ ଆୟକର ଛାଡ୍ କର୍‌ବାର୍‌ନୁ ମଧ୍ୟବିତ ଶ୍ରେଣୀର୍ ଲୁକ୍‌କର୍ ଆର୍ଥିକ୍ ଥିତି ବର୍‌କସ୍ ହେଇପାର୍‌ବା ବଲି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ । ଇତାର୍‌ସହେତେ ବିକଶିତ୍ ଭାରତ୍ ଗଠନ୍ ଲାଗି ସମ୍‌କୁ ଏକ୍ ହେଇକରି କାମ୍ କର୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

ପ୍ରଧାନ୍‌ମନ୍ତ୍ରୀ-ପ୍ରୟାଗ୍‌ରାଜ ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରୟାଗ୍‌ରାଜ୍ ଠାନେ ଚାଲିଥିବା ମହାକୁମ୍ଭମେଲାକେ ଆଏଜ୍ ପୁହୁଁଚିବେ । ଦିନର୍ ୧୧ ବଜେ ତ୍ରିବେଣୀ ସଂଗମ୍ ଠାନେ ପ୍ରଧାନ୍‌ମନ୍ତ୍ରୀ ବୁଡ଼୍ ପକାବେ । ଗଙ୍ଗାମାତାଙ୍କର୍ ପୂଜାର୍ଚ୍ଚନା ସହେତେ ସାଧୁସନ୍ଥମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତକେ ଦେଖିକରି ପ୍ରୟାଗ୍‌ରାଜ୍‌ଠାନେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛେ । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ନିଜେ ସୁରକ୍ଷା ବ୍ୟବସ୍ଥାର୍ ତଦାରଖ୍ କରିଛନ୍ ।

ବିକଶିତ୍ ଗାଁ ବିକଶିତ୍ ଓଡ଼ିଶା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏଜ୍ ବିକଶିତ୍ ଗାଁ ବିକଶିତ୍ ଓଡ଼ିଶା ଯୋଜ୍ନାର୍ ଶୁଭାରମ୍ଭ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଖୋର୍ଦ୍ଧାର୍ ଜଙ୍କିଆ ମିନି ଷ୍ଟାଡ଼ିୟମ୍ ଠାନେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ଯୋଜ୍ନାର୍ ଶୁଭାରମ୍ଭ କର୍‌ବେ । ଫି’ ଜିଲ୍ଲା ଆର୍ ବ୍ଲକ୍ ସ୍ତର୍ ନ ଭିଲ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍ ହେବା । ଜିଲ୍ଲାପାଲ୍‌ଙ୍କର୍ ସହେତେ ଜିଲ୍ଲା ପ୍ରଶାସନ୍‌ର ବରିଷ୍ଠ ଅଧିକାରୀମାନେ ଇଥି ଉପସ୍ଥିତ୍ ରହେବେ । ସେନ୍ତା ରାଜ୍ୟର୍ ୩ ଶହ ୧୪ ଟା ବ୍ଲକ୍‌ଥି ମୁଖ୍ୟ କାର୍ଯ୍ୟକ୍ରମ୍‌ର ସିଧା ପ୍ରସାରଣ୍ ହେବା ଆର୍ ଇଥିର୍‌ଲାଗି ଖାସ୍ ବ୍ୟବସ୍ଥା କର୍‌ବାର୍‌କେ ଓକାକ୍‌କେ ଦାୟିତ୍ୱ ଦିଆଯାଇଛେ ।

ଷୋଡ଼ଶ ଅର୍ଥ କମିଶନ-ଓଡ଼ିଶା I&PR

ଷୋଡ଼ଶ ଅର୍ଥ କମିଶନ୍ ଗଲାକାଏଲ୍‌ଠାନୁ ୪ ଦିନିଆ ଓଡ଼ିଶା ଗସ୍ତଥି ଆସିଛନ୍ । କମିଶନ୍ ଅଧ୍ୟକ୍ଷ ଡକ୍ଟର୍ ଅରବିନ୍ଦ ପାନଗାରିଆଙ୍କର୍ ଅଧ୍ୟକ୍ଷତାଥି ୧୫ ଝନିଆ ଟିମ୍ ଗଲାକାଏଲ୍ ଓଡ଼ିଶା ପୁହୁଁଚିବାର୍ ଉତ୍‌ରୁ ଉପର୍‌ବେଲା ଜନଜାତି ସଂଗ୍ରହାଲୟ ଆର୍ କଳିଙ୍ଗ ଷ୍ଟାଡ଼ିୟମ୍ ବୁଲି ଦେଖିଥିଲେ । ଆଏବା କାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟ ସର୍‌କାର୍‌ଙ୍କର୍ ପ୍ରମୁଖ

ଅଧିକାରୀମାନ୍କର୍ ସାଙ୍ଗେ ବୈଠକ୍ କର୍ବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ ଉଧେ ରାଜ୍ୟ ସର୍କାର୍ କମିଶନ୍କେ ସାଢ଼େ ୧୨ ଲାଖ୍ କୋଟି ଟଙ୍କାର୍ ଦାବିପତ୍ର ଦେବା ବଲି ଜନାପଡ଼ିଛେ ।

ଦିଲ୍ଲୀ ବିଧାନ୍ସଭା ନିର୍ବାଚନ ଆର୍ଏନ୍ୟୁ/ ସମ୍ବଲପୁର

ଦିଲ୍ଲୀ ବିଧାନ୍ସଭା ନିର୍ବାଚନ୍ ଆଏଜ୍ ହେବା । ଭୋଟ୍ ପ୍ରକ୍ରିୟା ସଖାଲର୍ ୭ ବଜେନୁ ୧୩ ହଜାର୍ ୭ ଶହ ୬୬ ଟା ବୁଥ୍ ନ ମୁଲ୍ ହେବା । ଗୁଟେ ଖେପେ ହେବାର୍କେ ଥିବା ଇ ନିର୍ବାଚନ୍ ପ୍ରକ୍ରିୟା ବେଲ୍ବୁଡ଼ର୍ ୬ ବଜେ ସର୍ବା । ଫେବୃଆରୀ ୮ ତାରିଖ୍ ଦିନ ଭୋଟ୍ ଗନ୍ତି ହେବା । ନିର୍ବାଚନ୍ କମିଶନ୍ଙ୍କର୍ ସୂଚ୍ନା ଅନ୍ସାରେ, ୭୦ ଟା ଆସନ୍ ଲାଗି ଭିନ୍ ଭିନ୍ ରାଜନୈତିକ୍ ଦଲ୍ର ୬ ଶହ ୯୯ ଝନ୍ ପ୍ରାର୍ଥୀ ନିର୍ବାଚନ୍ ମଇଦାନ୍କେ ଉତ୍ରିଛନ୍ । ନିର୍ବାଚନ୍କେ ନେଇକରି ଦିଲ୍ଲୀ ନ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛେ । ବୁଥ୍ ମାନ୍କେ ଅଏତ୍କା ସୁରକ୍ଷା ବଳ ମୁତୟନ୍ କରାଯାଇଛେ ।

ଯୁକ୍ତ ଦୁଇ ପରୀକ୍ଷା ଭୁବ୍ନେଶ୍ୱର୍ ସମ୍ବାଦଦାତା

ରାଏଜେ ଯୁକ୍ତ ଦୁଇ ପରୀକ୍ଷା ଆଏବା ୧୮ ତାରିଖ୍‌ନୁ ମୁଲ୍ ହେବା । ପରୀକ୍ଷା ମାର୍ଚ୍ଚ ୨୭ ତକ୍ ଚାଲ୍‌ବା ବଲି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍‌ର ପରୀକ୍ଷା ନିୟନ୍ତ୍ରକ ଡକ୍ଟର୍ ପ୍ରଶାନ୍ତ କୁମାର୍ ପରିଡ଼ା କହିଛନ୍ । ଶ୍ରୀ ପରିଡ଼ା କହିଛନ୍, ଯୁକ୍ତ ଦୁଇ କଳା, ବିଜ୍ଞାନ୍ ଆର୍ ବାଣିଜ୍ୟ ବର୍ଗଥି ଇଥର ମୋଟ୍ ୩ ଲାଖ୍ ୯୩ ହଜାର୍ ୬ ଶହ ୧୮ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ରାଜ୍ୟର୍ ୧ ହଜାର୍ ୨ ଶହ ୭୬ ଟା କେନ୍ଦ୍ର ନ ସଖାଲର୍ ୧୦ ବଜେନୁ ଦିନର୍ ୧ ବଜେତକ୍ ପରୀକ୍ଷା ହେବା ।  ଦିବ୍ୟାଙ୍ଗ ମାନ୍‌କର୍ ଲାଗି ୪ ଘଂଟା ପରୀକ୍ଷା ରହେବା । ପରୀକ୍ଷାଥି କପି ରୁକ୍‌ବାର୍ ଲାଗି କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ସବୁ ପରୀକ୍ଷା କେନ୍ଦ୍ର ସିସିଟିଭି ର ନଜର୍‌ଥି ରହେବା  ବଲି ଶ୍ରୀ ପରିଡ଼ା କହିଛନ ।

ଏଆଇ ଦକ୍ଷତା କେନ୍ଦ୍ର -ଆଇଆଇଏମ୍ ସମ୍ବଲପୁର   ପି.ଆଇ.ବି.

ମେନେଜ୍‌ମେଂଟ୍ ଶିକ୍ଷାଥି କୃତ୍ରିମ ବୁଦ୍ଧିମତା- ଏଆଇର୍ ବେଭାର୍ ଲାଗି ଆଇଆଇଏମ୍ ସମ୍ବଲ୍‌ପୁର୍  ଆଉ ଆମେରିକାର୍ କମ୍ପାନୀ ‘ବ୍ରେକ୍‌ଆଉଟ୍ ଲାର୍ଣ୍ଣିଂ’ ଭିତ୍‌ରେ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଦେଶେ ମେନେଜ୍‌ମେଂଟ୍ ଶିକ୍ଷା ଲାଗି  ପ୍ରଯୁକ୍ତି ସମ୍ପନ୍ନ ମାହୋଲ୍ ବନାବାର୍ ସହେତେ ବିଶ୍ୱସ୍ତରୀୟ ପ୍ରତିଯୋଗିତାର୍

ଲାଗି ଛାତ୍ରଛାତ୍ରୀମାନ୍‌କୁ ପ୍ରସ୍ତୁତ୍ କର୍‌ବାର୍‌ଟା ଇତାର୍ ମୁଖ୍ୟ ଲକ୍ଷ୍ୟ ଆଏ ।

ଜାତୀୟ କ୍ରୀଡ଼ା       I&PR

ଉତରାଖଣ୍ଡ ନ ଚାଲିଥିବା ୩୮ ନମ୍ବର୍ ଜାତୀୟ କ୍ରୀଡ଼ାଥି ଗଲାକାଏଲ୍ ସାଇକେଲ୍ ଚାଲନା ପ୍ରତିଯୋଗିତାଥି ଓଡ଼ିଶାର୍ ସ୍ୱସ୍ତି ସିଂ ସ୍ୱର୍ଣ୍ଣପଦକ୍ ଜିତିଛନ୍ । ସେନ୍ତା ଓଡ଼ିଶା ମହିଳା ପହଁରା ଦଲ୍ ଫାଇନାଲ୍‌ଥି ୩ ନମ୍ବର୍ ଠାନେ ରହିକରି କାଂସ୍ୟ ପଦକ୍ ଜିତିଛେ । ସେଆଡ଼େ ଓଡ଼ିଶାର୍ ମହିଳା ଫୁଟ୍‌ବଲ୍ ଦଲ୍ ଫାଇନାଲ୍‌କେ ପୁହୁଁଚିକରି ରୌପ୍ୟ ପଦକ୍ ସୁନିଶ୍ଚିତ୍ କରିଛେ ।
ଇନ ଜନେଇ ଦିଆଯାଇପାରେ ଯେ, ଏଛେନ୍‌ତକ୍ ଓଡ଼ିଶା ଦଲ୍ ଗୁଟେ ସ୍ୱର୍ଣ୍ଣ ଆର୍ ୪ ଟା କାଂସ୍ୟ ପଦକ୍ ଜିତିଛେ ।

ଭାରତ୍-ଇଂଲଣ୍ଡ୍ ମେଚ୍- ଟିକେଟ୍ ବିକ୍ରି     ଆର୍‌ଏନ୍‌ୟୁ/ସମ୍ବଲପୁର

କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ଠାନେ ଆଏବା ୯ ତାରିଖ୍ ହେବାର୍‌କେ ଥିବା ଭାରତ୍-ଇଂଲଣ୍ଡ୍ ଦିନ୍‌କିଆ କ୍ରିକେଟ୍ ମେଚ୍ ଲାଗି ଆଏଜ୍‌ଠାନୁ  କାଉଂଟର୍ ମାନ୍‌କେ ଟିକେଟ୍ ବିକ୍ରି ମୁଲ୍

ହେବା । ଗଲା ୨ ତାରିଖ୍ ଅନ୍‌ଲାଇନ୍ ଟିକେଟ୍ ଘିନି ନାଇଁପାରିଥିବା କ୍ରିକେଟ୍ ପ୍ରେମୀ ମାନେ ଷ୍ଟାଡ଼ିୟମ୍ ପାଖେ ଥିବା ୪ ଟା କାଉଂଟର୍‌ନୁ ଟିକେଟ୍ ଘିନିପାର୍‌ବେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ତାତି ବଢୁଛେ । ଆଏବା ୩/୪ ଦିନ୍ ତକ୍ ପାଗ୍ ଏନ୍ତା ରହେବା ବଲି ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଗଲାକାଏଲ୍ ଝାର୍‌ସୁଗୁଡ଼ା ନ ରାଜ୍ୟର୍ ସବୁନୁ ଜହ ଦିନର୍ ତାତି ୩୬ ଦଶ୍‌ମିକ୍ ୪ ଡିଗ୍ରୀ ରେକର୍ଡ୍ କରାଯାଇଥିଲା ।